HERE . NOW
# OrissaPOST



**CONCERN FOR FANS**
Actor Sonakshi Sinha, checking in on her fans, asked them not to give up fight against nCoV
LEISURE | P2



**ITALY CABLE CAR CRASH**
At least 13 people were killed and two children injured Sunday after a cable car plunged into the side of a mountain
INTERNATIONAL | P10



**NEGATIVE IMPACT**
Sportspersons say the arrest of Olympic medallist Sushil Kumar will have a negative impact
SPORTS | P12

VOLUME 11, ISSUE 53 | www.orissapost.com BHUBANESWAR | MONDAY, MAY 24 | 2021 12 PAGES | ₹5.00

# Awareness on biodiversity should reach all: Experts

POST NEWS NETWORK

**Bhubaneswar, May 23:** A national webinar on the theme 'We're part of the Solution #For Nature' was organised jointly by the Central University of Odisha (CUO), Koraput and Indian Institute of Soil and Water Conservation, Dehradun on the occasion of International Day for Biological Diversity-2021 Saturday.

CUO Vice-Chancellor I Ramabrahmam inaugurated the webinar and urged people to protect the nature and give a healthy environment to all living organisms. He opined that awareness on the importance of biodiversity needs to reach all sections of the society.

Speaking on the theme 'Biodiversity-the Solution for Human Survival', former professor at School of Life Sciences in Sambalpur University, N Behera, opined that biodiversity ensures stability in the ecosystem. He threw light on the exploitation of biodiversity in underdeveloped countries on the plea of achieving development.

Behera suggested that the information related to biodiversity should be converted into knowledge and then to wisdom. The spread of wisdom will protect and promote nature, he said.

"If biodiversity decimation is a crisis, it can be solved by 3 'As'–attitude, action and awareness. We all should be part of the solution for nature for our survival," he added.

Principal-ESG at National Investment and Infrastructure Fund (NIIF), New Delhi, Ashok Emani, emphasised on the materiality of the biodiversity in ecosystem and its application to protect ecological balance.

He said that though India is one of the 17 mega-diverse countries in the world, biodiversity and ecosystem issues are very often overlooked in traditional materiality calculations. He gave the value of biodiversity in economic terms for the Himalayan region.




Emani highlighted the economic importance of rich biodiversity of Eastern Ghats and Deomali as well as Similipal Tiger Reserve of Odisha. He claimed that the students of biodiversity have a lot of options and he also extended his support for collaboration on biodiversity related aspects.

ICAR-Indian Institution of Soil and Water Conservation (IISWC) regional director, M Madhu, delivered the welcome address and visiting professor to CUO K Kameswar Rao delivered the concluding remarks.

Madhu elaborated on the importance of soil and water for sustaining biodiversity. He highlighted his wide range of experience and experiments in the field of biodiversity and its outcome in KBK region of Odisha. "Scientific studies on biodiversity and natural resources along with conservation awareness are vital to save the nature. It is our responsibility to protect the nature for posterity," Madhu said.

Dean of School of Biodiversity and Conservation of Natural Resources at CUO, Sharat Kumar Palita, delivered the opening remarks and coordinated the programme.

In his opening remarks, Palita discussed the origin of International Day for Biological Diversity and highlighted the importance of rich floral and faunal diversity of the Eastern Ghats.

He highlighted that sustainable development is the key to conserve biodiversity.

RNI REGD NO: ODIODI/2011/37619 - POSTAL REGD NO: BN/208/18-20

www.prameya.com prameyaodia prameyaodia



ଚାଷୀଙ୍କ ସହ ଆଲୋଚନା
କରିବାକୁ କେନ୍ଦ୍ରର ଅନିଚ୍ଛା
(ପୃଷ୍ଠା: ୨)

ପ୍ରମେୟ
THE PRAMEYA
VOLUME 11 ● ISSUE 23 ● ବର୍ଷ ୧୧ ● ସଂଖ୍ୟା ୨୩
24 MAY 2021 MONDAY ୨୪ ମେ ୨୦୨୧ ସୋମବାର
PRINTED AT BHUBANESWAR SAMBALPUR PANIKOILI
12 PAGES ₹7.00

**ଖବରକାଗଜ ସମ୍ପୂର୍ଣ୍ଣ ସୁରକ୍ଷିତ**

ଖବରକାଗଜ କରୋନା ଜୀବାଣୁ ସମ୍ପର୍କରେ ଟିକିନିଖି ଖବର ବାଣ୍ଟେ, ଜୀବାଣୁ ବାଣ୍ଟେନାହିଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଖବରକାଗଜକୁ କରୋନା ବାହକ ନୁହେଁ ବୋଲି କହିସାରିଛି । ନିଶ୍ଚିତ ମନରେ ଖବରକାଗଜ ପଢ଼ନ୍ତୁ । କରୋନାକୁ ଜାଣନ୍ତୁ ଓ ଜିତନ୍ତୁ ।



- ପ୍ରମେୟ ପରିବାର

# ଚିରନ୍ତନ ବିକାଶ ଜୈବ ବିବିଧତାର ଚାବିକାଠି

କୋରାପୁଟ,୨୩।୫(ଆପ୍ର): ଚିରନ୍ତର ବିକାଶ ହେଉଛି ଜୈବ ବିବିଧତା ସଂରକ୍ଷଣର ଚାବିକାଠି । ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ସାମଗ୍ରୀକ ଭାବେ ସମସ୍ତଙ୍କୁ କାମ କରିବାକୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସରେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ଜଳ ସଂରକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ଆହ୍ୱାନ ଦିଆଯାଇଛି ।

ବିଶ୍ୱବିଦ୍ୟାଳୟ କୁଳପତି ପ୍ର.ଆଇ. ପ୍ରକୃତିର ସୁରକ୍ଷା ଓ ସୁସ୍ଥ ପରିବେଶ ଗଢିତୋଳିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଭାରତୀୟ ମୃତ୍ତିକା ସଂରକ୍ଷଣ ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ.ମଧୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜୈବ ବିବଧତା ଓ ପ୍ରାକୃତିକ ସଂରକ୍ଷଣ ସ୍କୁଲ ଡିନ୍ ପ୍ରଫେସର ଶରତକୁମାର ପଳିତା କାର୍ଯ୍ୟକ୍ରମକୁ ସଂଯୋଜନାକରି ପୂର୍ବଘାଟର ସମୃଦ୍ଧ ଉଦ୍ଭିଦ ଓ ଜୀବଜଗତର ବିବିଧତା ଉପରେ ଗୁରୁତ୍ୱାରୋପ କରିଥିଲେ ।




## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜାତୀୟ ୱେବିନାର୍

ରାମବ୍ରହ୍ମମ୍‌ଙ୍କ ଅଧ୍ୟକ୍ଷତାରେ ଜାତୀୟସ୍ତର ୱେବିନାର 'ଆମେ ସମାଧାନର ଏକ ଅଂଶ, ପ୍ରକୃତି ପାଇଁ' ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ୍ ଲାଇଫ୍ ସାଇନ୍ସ ପୂର୍ବତନ ପ୍ରଫେସର ଏନ୍.ବେହେରା, ନ୍ୟାସନାଲ ଇନଭେଷ୍ଟମେଣ୍ଟ ଆଣ୍ଡ ଅନଫ୍ରାଷ୍ଟ୍ରକ୍‌ଚର ଫଣ୍ଡ ପ୍ରିନ୍ସିପାଲ୍ ଡ.ଅଶୋକ ଇମାନୀ ବକ୍ତାଭାବେ ଯୋଗଦେଇ ଜୈବ ବିବିଧତା ଓ ପରିବେଶ ସୁରକ୍ଷା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ୱେବିନାର୍ ଉଦ୍‌ଘାଟନ କରି କୁଳପତି ରାମବ୍ରହ୍ମମ୍ ସମସ୍ତ ଜୀବନଜଗତକୁ ବଞ୍ଚିବା ନିମନ୍ତେ ଏହାର ପ୍ରମୁଖ ଅଂଶକୁ ଏପର୍ଯ୍ୟନ୍ତ ଅନୁସନ୍ଧାନ କରାଯାଇପାରି ନଥିବାରୁ ଏଦିଗରେ ଗବେଷକମାନେ କାମ କରିବାକୁ ସେ ଉତ୍ସାହିତ କରିଥିଲେ । ଡ.ମଧୁ ମାଟି ଓ ଜଳର ଗୁରୁତ୍ୱ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଓଡିଶାର କେବିକେ ଅଞ୍ଚଳର ପ୍ରାକୃତିକ ସମ୍ପଦ ଉପରେ ଅଧିକ ଅଧ୍ୟୟନ ସହିତ ସଂରକ୍ଷଣ ସଚେତନତା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଭବିଷ୍ୟତ ପଢି ପାଇଁ ପ୍ରକୃତିକୁ ସୁରକ୍ଷା ଦେବା ଆମର ନୈତିକ ଦାୟିତ୍ୱ ବୋଲି ସେ ପରାମର୍ଶ ଦେଇଥିଲେ । ସେହିପରି ମୁଖ୍ୟବକ୍ତା ପ୍ର. ବେହେରା ଜୀବନ ବଞ୍ଚିବାର ସମାଧାନ ଉପରେ ଆଲୋଚନା କରି ଇକୋସିଷ୍ଟମର ସ୍ଥିରତାରେ ଜୈବ ବିବିଧତାର ସମ୍ପର୍କ ନେଇ କହିଥିଲେ । ବିକାଶ ନାଁରେ ପୁଞ୍ଜିପତିମାନେ କିପରି ଗରିବ ରାଷ୍ଟ୍ରଗୁଡିକୁ ଶୋଷଣ କରୁଛନ୍ତି ଓ ଏହାଦ୍ୱାରା କିପରି ପ୍ରକୃତି ନଷ୍ଟ ହେଉଛି ସେ ବ୍ୟାଖ୍ୟା କରିଥିଲେ । ଡ.ଇମାନୀ, ଜୈବ ବିବିଧତା କ୍ଷେତ୍ରରେ ବିଶ୍ୱରେ ଭାରତର ସ୍ଥାନ ୧୭ରେ ରହିଥିବା ବେଳେ ପାରମ୍ପରିକ ଭାବେ ଏହାକୁ ସଂରକ୍ଷଣ କରାଯାଇପାରିବ ବୋଲି ଗୁରୁତ୍ୱ ଦେଇଥିଲେ । ସେ ଓଡିଶାର ଦେଓମାଳି, ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ସଂରକ୍ଷଣର ସମୃଦ୍ଧ ଜୈବ ବିବିଧତା ବୋଲି କହିବା ସହ ଏହାର ଅର୍ଥନୈତିକ ଦିଗ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଭାଗୀୟ ପ୍ରଫେସର କାକଳି ବାନାର୍ଜୀ, ଡ.ଦେବ୍ରତ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ । ଡେରାଡୁନ୍ ଭାରତୀୟ ମୃତ୍ତିକା ଓ ଜଳସଂରକ୍ଷଣ ପ୍ରତିଷ୍ଠାନ ମୁଖ୍ୟ ବୈଜ୍ଞାନିକ ଡ.ଏମ୍.ମୁରୁଗାନନ୍ଦନମ୍ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଗବେଷକ, ଅଧ୍ୟାପକ, ବିଶ୍ୱବିଦ୍ୟାଳୟ ଅଧିକାରୀ ଓ ବୈଜ୍ଞାନିକମାନେ ଅଂଶଗ୍ରହଣ କରିଥିଲେ ବୋଲି ଜନସମ୍ପର୍କ ଅଧିକାରୀ ଡ.ଫଗୁନାଥ ଭୋଇ ସୂଚନା ଦେଇଛନ୍ତି ।

101 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2021-2023

- Koraput, Monday 24 May 2021
- କୋରାପୁଟ, ସୋମବାର ୨୪ ମେ ୨୦୨୧
- ଆଜି ବୃଷ ୧୦ ଦିନ, ୧୪୨୮ ସାଲ
- ଜ୍ୟେଷ୍ଠ ୩ ଦିନ, ୧୯୪୩ ଶକାବ୍ଦ, ଶୁକ୍ଳପକ୍ଷ ତ୍ରୟୋଦଶୀ
- ଭାଗ- ୯୨ ସଂଖ୍ୟା- ୧୪୦
- www.thesamaja.com
www.samajaepaper.com
www.samajalive.in

ଟ ୬.୦୦ (୧୨ପୃଷ୍ଠା)

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁଦାସ
PRINTED AT CUTTACK, SAMBALPUR, BALESWAR, VISAKHAPATNAM

SUPPORTED BY
BHARAT MASALA

ମୋ ବାପା

ଜୁନ ୨୦ ତାରିଖ 'ପିତୃ ଦିବସ' ଅବସରରେ, 'ମୋ ବାପା' ଶିରୋନାମାରେ 'ସମାଜ' ଏକ ପରିଶିଷ୍ଟ ପ୍ରକାଶ କରୁଛି । ଏହି ଆବେଗିକ ପ୍ରୟାସରେ ପିତାଙ୍କ ସମ୍ପର୍କରେ କିଛି ଲେଖନ୍ତୁ । ଯିଏ ଆପଣଙ୍କୁ ଅନେକ ଦେଇଛନ୍ତି, ତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବାରେ ଏହା ଏକ ଅବସର ।

BHIM UPI
PAY WITH ANY APP

ବାର୍ତ୍ତା ପ୍ରେରଣ ସମ୍ବନ୍ଧୀୟ ସୂଚନା

ବାର୍ତ୍ତା ଗୁଡ଼ିକ ଓଡ଼ିଆ ଭାଷାରେ ଲେଖିବେ । ୩୦ଟି ଶବ୍ଦ ପାଇଁ ପ୍ରେରକଙ୍କୁ ୨୫୦ ଟଙ୍କା ଏବଂ ୫X୪ ସେ.ମି ବୁକ୍ ସାଇଜ ନିମନ୍ତେ ୫୦୦ଟଙ୍କା ଦେୟ ଦେବାକୁ ହେବ । ବୁକ୍ ସାଇଜ ବିଜ୍ଞାପନରେ ପ୍ରେରକଙ୍କ ପିତାଙ୍କ ଷ୍ଟାମ୍ପ ସାଇଜ ଫଟୋ ପ୍ରକାଶ କରାଯାଇ ପାରିବ । ବାର୍ତ୍ତା ପ୍ରକାଶନ ପାଇଁ ହ୍ୱାଟ୍ସ ଆପ୍, ଇମେଲ କିମ୍ବା ସମାଜ କାର୍ଯ୍ୟାଳୟରେ ସିଧାସଳଖ ଗ୍ରହଣ କରାଯିବ । ଏହି ବାବଦରେ ଦେୟ ପାର୍ଶ୍ୱରେ ଦିଆଯାଇଥିବା QR କୋଡ୍‌କୁ ସ୍କାନ କରି PhonePe, Paytm, Google Pay, BharatPe ଆଦି ବିବିଧ ମାଧ୍ୟମରେ ପୈଠ କରିପାରିବେ । ପୈଠ ଦେୟ ରସିଦକୁ ଆପଣଙ୍କ ବାର୍ତ୍ତା ସହ ପଠାଇବେ ।
ବାର୍ତ୍ତା ପଠାଇବାର ଶେଷ ତାରିଖ ୧୭.୦୬.୨୦୨୧ ସନ୍ଧ୍ୟା ୬ ଘଣ୍ଟିକା ।

Whatsapp No: 76090 96650 ■ email:contest@thesamaja.in
The Samaja, Gopabandhu Bhawan, Buxibazar, Cuttack - 753 001

# ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ

ସୁନାବେଡ଼ା,୨୩।୫(ନି.ପ୍ର.)- ଆନ୍ତର୍ଜାତିକ ଜୈବ ବିବିଧତା ଦିବସ ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ଭାରତୀୟ ମୃତ୍ତିକା ଏବଂ ଜଳ ସଂରକ୍ଷଣ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ 'ଆମେ ସମାଧାନର ଏକ ଅଂଶ ପ୍ରକୃତି ପାଇଁ' ସଂକ୍ରାନ୍ତ ଏକ ଜାତୀୟ କର୍ମଶାଳା (ଆଭାସି ମାଧ୍ୟମରେ) ଗତ ୨୨ତାରିଖରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ଲାଇଫ୍ ସାଇନ୍ସେସର ପୂର୍ବତନ ପ୍ରଫେସର ତଥା ସ୍କୁଲ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ର ଡିନ, ପ୍ରଫେସର ଏନ୍ ବେହେରା ଏବଂ ଇଏସଜି - ନ୍ୟାସନାଲ ଇନଭେଷ୍ଟମେଣ୍ଟ ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର ଫଣ୍ଡ (ଏନ୍‌ଆଇଏଫ୍) ର ଅଧ୍ୟକ୍ଷ ଡଃ ଅଶୋକ ଇମାନି ବକ୍ତା ଭାବେ ଯୋଗଦେଇ ସାରଗର୍ଭକ ବକ୍ତବ୍ୟ ରଖିଥିଲେ । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ.ରାମବ୍ରହ୍ମମ ଉକ୍ତ କର୍ମଶାଳା ଉଦ୍ଘାଟନ କରି ସମସ୍ତ ଜୀବଜଗତକୁ ବଞ୍ଚିବା ନିମନ୍ତେ ଆମ ପ୍ରକୃତିର ସୁରକ୍ଷା ସହ ଏକ ସୁସ୍ଥ ପରିବେଶ ଦେବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଜୈବ ବିବିଧତାର ମହତ୍ତ୍ୱ ବିଷୟରେ ସଚେତନତାର ବାର୍ତ୍ତା ସମାଜର ସବୁ ସ୍ତରରେ ପହଞ୍ଚିବା ଆବଶ୍ୟକ ବୋଲି ସେ କହିଥିଲେ । ଭାରତୀୟ ମୃତ୍ତିକା ଏବଂ ଜଳ ସଂରକ୍ଷଣ ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡାଃ ମଧୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର କାମେଶ୍ୱର ରାଓ ଧନ୍ୟବାଦ ଅର୍ପଣ କରିଥିଲେ । ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ସ୍କୁଲର ଡିନ ପ୍ରଫେସର ଶରତ କୁମାର ପଳିତା ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ଲୋକସମ୍ପର୍କ ଅଧିକାରୀ ଡଃ ଫଗୁନାଥ ଭୋଇ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି ।

RNI REGD NO: 42041/83 • www.sakalaepaper.com • /thesakalanews • /TheSakala • www.thesakala.in



କରୋନା ସଂକ୍ରମିତଙ୍କ ସଂଖ୍ୟା ନିୟମ ମାନନ୍ତୁ, ସୁସ୍ଥ ରୁହନ୍ତୁ
• ବିଶ୍ବ: ୧୬୭,୩୧୩,୬୨୯ • ଭାରତ: ୨,୬୭,୧୮,୧୦୮ • ଓଡ଼ିଶା: ୬,୯୨,୩୮୨ (+୧୨,୮୫୨)
2 ୧୮ ବର୍ଷ ପରେ ଭଁସାଲୀଙ୍କ ଫିଲ୍ମରେ ମାଧୁରୀ

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR

• VOLUME -18 • ISSUE - 316 • BHUBANESWAR • MONDAY • 24 MAY 2021 • PAGE-12 • ₹ 5.00

• ବର୍ଷ-୧୮ • ସଂଖ୍ୟା-୩୧୬ • ଭୁବନେଶ୍ବର • ସୋମବାର • ୨୪ ମେ ୨୦୨୧ • ପୃଷ୍ଠା-୧୨ • ଟ.୫.୦୦

# ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସରେ ୱେବିନାର

**କୋରାପୁଟ, ୨୩।୫(ସମିସ):** ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ଅବସରରେ କୋରାପୁଟର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଭାରତୀୟ ମୃତ୍ତିକା ଏବଂ ଜଳ ସଂରକ୍ଷଣ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ 'ଆମେ ସମାଧାନର ଏକ ଅଂଶ ପ୍ରକୃତି ପାଇଁ' ନାମରେ ଏକ ଜାତୀୟ ୱେବିନାର ଆୟୋଜିତ ହୋଇଯାଇଛି । ଏହି ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ଲାଇଫ୍ ସାଇନ୍ସେସ୍ ର ପୂର୍ବତନ ପ୍ରଫେସର ତଥା ସ୍କୁଲ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଡିନ, ପ୍ରଫେସର ଏନ୍ ବେହେରା ଏବଂ ଇଏସଜି ନ୍ୟାସନାଲ ଇନଭେଷ୍ଟମେଣ୍ଟ ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର ଫଣ୍ଡ (ଏନ୍‌ଆଇଏଫ୍) ର ପ୍ରିନ୍ସିପାଲ୍ ଡ ଅଶୋକ ଇମାନି ବକ୍ତାଭାବେ ଯୋଗଦେଇ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମ ୱେବିନାରର ଉଦ୍ଘାଟନ କରି ସମସ୍ତ ଜୀବଜଗତକୁ ବଞ୍ଚିବା ନିମନ୍ତେ ଆମ ପ୍ରକୃତିର ସୁରକ୍ଷା ସହ ଏକ ସୁସ୍ଥ ପରିବେଶ ଦେବା ପାଇଁ ଅନୁରୋଧ କରିଥିଲେ । ଜୈବ ବିବିଧତାର ମହତ୍ତ୍ୱ ବିଷୟରେ ସଚେତନତର ବାର୍ତ୍ତା ସମାଜର ସବୁ ସ୍ତରରେ ପହଞ୍ଚିବା ଆବଶ୍ୟକ ବୋଲି ସେ କହିଥିଲେ । ଭାରତୀୟ ମୃତ୍ତିକା ଏବଂ ଜଳ ସଂରକ୍ଷଣ ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡା. ମଧୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର କାମେଶ୍ୱର ରାଓ ସମାପନ ମନ୍ତବ୍ୟ ଦେଇଥିଲେ । ଜୈବ ବିବିଧତା ଓ ପ୍ରକୃତିକ ସମ୍ପଦ ସଂରକ୍ଷଣ ସ୍କୁଲର ଡିନ, ପ୍ରଫେସର ଶରତ କୁମାର ପଳିତା ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।



'ସମ୍ବାଦ' ଆପଣଙ୍କର ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛି
'ସମ୍ବାଦ' ପାଇବାରେ ଅସୁବିଧା ହେଲେ
ଯୋଗାଯୋଗ କରନ୍ତୁ: ୦୬୭୪-୨୫୪୮୦୪୮
ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ
ଖବରକାଗଜ କରୋନା ଭୂତାଣୁର ବାହକ ନୁହେଁ ସମ୍ବାଦ ସମ୍ପୂର୍ଣ୍ଣ ନିରାପଦ

SAMBAD
ସମ୍ବାଦ

ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ



www.sambadepaper.com/sambad.in
PRINTED AT BHUBANESWAR | BALASORE | JEYPORE | BARGARH
Monday 24 May 2021 | Page 12 with E2 ₹ 7.00
ଭୁବନେଶ୍ୱର ସୋମବାର ୨୪ ମେ ୨୦୨୧ | ଇ୨ ସହ ୧୨ ପୃଷ୍ଠା, ମୂଲ୍ୟ ୭ ଟଙ୍କା
JEYPORE

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ

ଜୟପୁର,୨୩/୫(ଇମିସ): କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ଭାରତୀୟ ମୃତ୍ତିକା ଏବଂ ଜଳ ସଂରକ୍ଷଣ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ 'ଆମେ ସମାଧାନର ଏକ ଅଂଶ ପ୍ରକୃତି ପାଇଁ ଶୀର୍ଷକ ଜାତୀୟ ୱେବିନାର ଆୟୋଜିତ ହୋଇଯାଇଛି। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମ ୱେବିନାରକୁ ଉଦ୍ଘାଟନ କରିଥିବା ବେଳେ ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ଲାଇଫ୍ ସାଇନ୍ସର ପ୍ରାକ୍ତନ ପ୍ରଫେସର ତଥା ସ୍କୁଲ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଡିନ୍ ପ୍ରଫେସର ଏନ୍. ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। 'ଜୈବ ବିବିଧତା-ଜୀବନ ବଞ୍ଚିବାର ସମାଧାନ' ସଂପର୍କରେ ଆଲୋଚନା କରି ଜୈବ ବିବିଧତା କିପରି ଇକୋସିଷ୍ଟମରେ ସ୍ଥିରତା ସୃଷ୍ଟି କରେ ସେହି ବିଷୟରେ ଶ୍ରୀ ବେହେରା କହିଥିଲେ। ଜୈବ ବିବିଧତାର କ୍ଷୟ ଏକ ସଙ୍କଟ, ତେବେ ଏହାକୁ ମନୋଭାବ, କାର୍ଯ୍ୟ ଏବଂ ସଚେତନତା ଦ୍ୱାରା ସମାଧାନ କରାଯାଇପାରିବ ବୋଲି କହିଛନ୍ତି। ଏଥିରେ ଅନ୍ୟତମ ଅତିଥି ଭାବେ ଇଏସ୍‌ଜି ନ୍ୟାସନାଲ ଇନଭେଷ୍ଟମେଣ୍ଟ ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର ଫଣ୍ଡର ପ୍ରିନ୍ସିପାଲ୍ ଡ. ଅଶୋକ ଇମାନି ଯୋଗଦେଇ ପୂର୍ବଘାଟ ପର୍ବତମାଳା, ଓଡ଼ିଶାର ଦେଓମାଳି ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣର ସମୃଦ୍ଧ ଜୈବ ବିବିଧତାର ଅର୍ଥନୈତିକ ଗୁରୁତ୍ୱ ଉପରେ ଆଲୋକପାତ କରି ଜୈବ ବିବିଧତାର ଛାତ୍ରଛାତ୍ରୀଙ୍କ ପାଇଁ ଏହା ଅନୁଧ୍ୟାନ ଓ ଗବେଷଣା ପାଇଁ ଏକ ସମୃଦ୍ଧ କ୍ଷେତ୍ର। ଏହି କ୍ଷେତ୍ରରେ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେବେ ବୋଲି କହିଛନ୍ତି। ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଓ ପ୍ରକୃତିକ ସମ୍ପଦ ସଂରକ୍ଷଣ ସ୍କୁଲର ଡିନ୍ ପ୍ରଫେସର ଶରତ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କହିଥିଲେ ଯେ, ନିରନ୍ତର ବିକାଶ ହେଉଛି ଜୈବ ବିବିଧତା ସଂରକ୍ଷଣର ଚାବିକାଠି। ସେହି ଲକ୍ଷ୍ୟ ପାଇଁ ଆମକୁ ସାମଗ୍ରିକ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ଭାରତୀୟ ମୃତ୍ତିକା ଏବଂ ଜଳ ସଂରକ୍ଷଣ ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମଧୁ ଜୈବ ବିବିଧତା ବଜାୟ ରଖିବା ପାଇଁ ମାଟି ଏବଂ ଜଳର ଗୁରୁତ୍ୱ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଏଥିରେ ପ୍ରଫେସର କାମେଶ୍ୱର ରାଓ ସମାପନ ମନ୍ତବ୍ୟ ପ୍ରଦାନ କରିଥିବା ବେଳେ ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ସହକାରୀ ପ୍ରଫେସର ଡ. କାକୋଳି ବାନାର୍ଜୀ ଏବଂ ଡ. ଦେବବ୍ରତ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଡେରାଡୁନ ସ୍ଥିତ ଭାରତୀୟ ମୃତ୍ତିକା ଏବଂ ଜଳ ସଂରକ୍ଷଣ ପ୍ରତିଷ୍ଠାନର ମୁଖ୍ୟ ବୈଜ୍ଞାନିକ ଡ. ଏମ୍ ମୁରୁଗାନନ୍ଦନମ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଛାତ୍ର, ଗବେଷଣା ବିଦ୍ୱାନ, ଅଧ୍ୟାପକ, ଅଧିକାରୀ ଏବଂ ବୈଜ୍ଞାନିକ ଅଂଶଗ୍ରହଣ କରିଥିଲେ।



SAGAR CEMENT
ସଲିଡ୍ ସିମେଣ୍ଟ
ମାନେ ସଲିଡ୍ ଘର ।
C & F Agent
KUTHARI AGENCY
RLY. GOODS SHED ROAD, BERHAMPUR-8
Mob. : 9437160030

THE ANUPAM BHARAT
# ଅନୁପମ ଭାରତ
www.anupambharatonline.com
PUBLISHED FROM ● BRAHMAPUR ● BHUBANESWAR ● RAYAGADA

Contact for:
CTP & MULTI COLOUR PRINTING
-: ADDRESS :-
VIJAYA PRINTERS
2/5, Industrial Estate,
Berhampur, Ganjam
Mob: 9938123461, 9040044928

ବର୍ଷ ୨୫, ଅଙ୍କ ୨୪୩ | ବ୍ରହ୍ମପୁର | ସୋମବାର ୨୪ ମଇ ୨୦୨୧ | ୧୨ ପୃଷ୍ଠା | ପାଞ୍ଚ ଟଙ୍କା

## ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳିତ

କୋରାପୁଟ,୨୩।୫(ଅନୁପମ ମିଡିଆ): ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳିତ ହୋଇଯାଇଛି । ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ଭାରତୀୟ ମୃତ୍ତିକା ଓ ଜଳ ସଂରକ୍ଷଣ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ ଅନଲାଇନ ମାଧ୍ୟମରେ ପାଳନ କରାଯାଇଛି ।ଏହି ଅବସରରେ ଆମେ ସମାଧାନର ଏକ ଅଂଶ ପ୍ରକୃତି ପାଇଁ ଶୀର୍ଷକ ଅନଲାଇନ ମାଧ୍ୟମରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ.ରାମବ୍ରହ୍ମମ ଅନଲାଇନ ଆଲୋଚନା ଚକ୍ରକୁ ଉଦଘାଟନ କରି ସମସ୍ତ ଜୀବଜଗତକୁ ବଂଚିବା ନିମନ୍ତେ ଆମ ପ୍ରକୃତିର ସୁରକ୍ଷା ସହ ଏକ ସୁସ୍ଥ ପରିବେଶ ଦେବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ ।ଜୈବ ବିବିଧତାର ମହତ୍ତ୍ୱ ବିଷୟରେ ସଚେତନତାର ବାର୍ତ୍ତା ସମାଜର ସବୁ ସ୍ତରରେ ପହଂଚିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ ।ଜୈବ ବିବିଧତା ଉପରେ ଧାରଣା ସୃଷ୍ଟି କରିବା ,ଏହି ଧାରଣାକୁ ଜ୍ଞାନରେ ରୂପାନ୍ତରିତ କରିବା ଓ ପ୍ରକୃତିର ସୁରକ୍ଷା ନିମନ୍ତେ ଜ୍ଞାନର ପରିସୀମାକୁ ପରିବ୍ୟାପ୍ତ କରିବାକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଲାଇଫ ସାଇନସର ପୂର୍ବତନ ପ୍ରଫେସର ତଥା ସ୍କୁଲ ଅଫ




ସାଇନସ ଆଣ୍ଡ ଟେକ୍ନୋଲୋଜିର ଡିନ ପ୍ରଫେସର ଏନ.ବେହେରା ଯୋଗଦେଇ ଆହ୍ୱାନ ଦେଇଥିଲେ ।ଜୈବ ବିବିଧତାର କ୍ଷୟ ଏକ ସଂକଟ ଅଟେ,ତେବେ ଏହାକୁ ମନିଭାବ,କାର୍ଯ୍ୟ ଓ ସଚେତନତା ଦ୍ୱାରା ସାମାଧାନ କରାଯାଇପାରିବ ଏବଂ ତେଣୁ ବଂଚିବା ପାଇଁ ଓ ପ୍ରକୃତିର ସଂରକ୍ଷଣ ପାଇଁ ଆମେ ସମାଧାନର ଏକ ଅଂଶ ହେବାକୁ ସେ ପରାମର୍ଶ ଦେଇଥିଲେ ।ଇକୋସିଷ୍ଟମ ନିମନ୍ତେ ଜୈବ ବିବିଧତାର ବସ୍ତୁତା ଓ ପରିବେଶ ପ୍ରଣାଳୀକୁ ସୁରକ୍ଷା ଦେବା ନିମନ୍ତେ ଏହାର ପ୍ରୟୋଗ ଉପରେ ନ୍ୟାସନାଲ ଇନଭେଷ୍ଟମେଣ୍ଟ ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର (ଏନଆଇଏଫ)ର ଅଧ୍ୟକ୍ଷ ଡ. ଅଶୋକ ଇମାନି ଯୋଗଦେଇ ଗୁରୁତ୍ୱାରୋପ କରିଥିଲେ । ପୂର୍ବଘାଟ ପର୍ବତମାଳା ଏବଂ ଓଡିଶାର ଦେଓମାଳି ଓ ସିମିଲିପାଳ ବ୍ୟାଘ୍ର ସଂରକ୍ଷଣର ସମୃଦ୍ଧ ଜୈବ ବିବିଧତାର ଅର୍ଥନୈତିକ ଗୁରୁତ୍ୱ ଉପରେ ସେ ଆଲୋକପାତ କରି ଜୈବ ବିବିଧତାର ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା ଅନୁଧ୍ୟାନ ଓ ଗବେଷଣା ନିମନ୍ତେ ଏକ ସମୃଦ୍ଧ କ୍ଷେତ୍ର ଓ ଏ କ୍ଷେତ୍ରରେ ଆର୍ଥିକ ପ୍ରୋତ୍ସାହାନ ଯୋଗାଇଦେବେ ବୋଲି ସେ ପ୍ରକାଶ କରିଥିଲେ । ଜୈବ ବିବିଧତା ବଜାଇ ରଖିବା ପାଇଁ ମାଟି ଓ ଜଳର ଗୁରୁତ୍ୱ ବିଷୟରେ ଭାରତୀୟ ମୃର୍ତିକା ଓ ଜଳ ସଂରକ୍ଷଣ ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମଧୁ ସ୍ୱାଗତ ଭାଷଣରେ ଆଲୋକପାତ କରିଥିଲେ ।ନିରନ୍ତର ବିକାଶ ହେଉଛି ଜୈବ ବିବିଧତା ସଂରକ୍ଷଣର ଚାବିକାଠି ଏବଂ ସେହି ଲକ୍ଷ୍ୟ ନିମନ୍ତେ ଆମକୁ ସାମଗ୍ରିକ ଭାବରେ କାର୍ଯ୍ୟ କରିବାକୁ ପଡିବ ବୋଲି ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଓ ପ୍ରାକୃତିକ ସଂପଦ ସଂରକ୍ଷଣ ସ୍କୁଲର ଡିନ ପ୍ରଫେସର ଶରତ କୁମାର ପଲିତା ଯୋଗଦେଇ ଆହ୍ୱାନ ଦେଇଥିଲେ । ବିଶ୍ୱବିଦ୍ୟାଳୟର ପ୍ରଫେସର କାମେଶ୍ୱର ରାଓ ସମାପନ ମନ୍ତବ୍ୟ ପ୍ରଦାନ କରିଥିଲେ । ଜୈବ ବିବିଧତା ଓ ପ୍ରାକୃତିକ ସଂପଦ ସଂପଦ ସଂରକ୍ଷଣ ବିଭାଗର ସହକାରୀ ପ୍ରଫେସର ଡ.କାକୋଳି ବାନାର୍ଜି ଓ ଡ.ଦେବବ୍ରତ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଡେରାଡୁନସ୍ଥିତ ଭାରତୀୟ ମୃତ୍ତିକା ଏବଂ ଜଳ ସଂରକ୍ଷଣ ପ୍ରତିଷ୍ଠାନର ମୁଖ୍ୟ ବୈଜ୍ଞାନିକ ଡ.ଏମ.ମୁରୁଗାନନ୍ଦନମ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଛାତ୍ର ,ଗବେଷଣା ବିଦ୍ୱାନ , ଅଧ୍ୟାପକ ,ଅଧିକାରୀ ଓ ବୈଜ୍ଞାନିକମାନେ ଅଂଶଗ୍ରହଣ କରିଥିଲେ ।

# We're a part of the solution For Nature – National Level Webinar by Central University of Odisha

May 23, 2021




Koraput: On the occasion of International Day for Biological Diversity-2021, a National Webinar on the theme- "We're part of the Solution For Nature" was organized jointly by the Central University of Odisha and Indian Institute of Soil and Water Conservation, Dehradun on 22.05.2021. Prof. N. Behera, Former Professor, School of Life Sciences and Dean, School of Science and Technology, Sambalpur University and Dr. Ashok Emani, Principal-ESG at National Investment and Infrastructure Fund (NIIF), New Delhi were the speakers on this occasion. Prof. I. Ramabrahmam, Vice-Chancellor of the Central University of Odisha, inaugurated the webinar and urged upon all to protect our nature to give a healthy environment for all living organisms. He asserted on awareness on importance of biodiversity need to reach all sections of the society. Dr. M. Madhu, Regional Director, ICAR-Indian Institution of Soil and Water Conservation (IISWC) delivered the welcome address and Prof. K. Kameswar Rao, Visiting Professor of the CUO delivered the concluding remarks. Prof. Sharat Kumar Palita, Dean, School of Bio Diversity and Conservation of Natural Resources, CUO delivered the opening remarks and coordinated the programme.

Prof. Behera in his talk on 'Biodiversity-the Solution for Human Survival' highlighted how biodiversity generates ecosystem stability. He explained how the biodiversity poor industrialized countries exploiting biodiversity of poor underdeveloped countries in the name of development. Keeping in view of the conservation of biodiversity he advised that the information related to biodiversity to be created and converted in to knowledge and then to wisdom

# Web Link:

https://pragativadi.com/cuo-organises-national-webinar-to-mark-international-day-for-biological-diversity/

https://m.dailyhunt.in/news/india/oriya/odia+pua-epaper-odia/odisha+kendriya+bishvbidyalaya+dvara+aantarjatiya+jaiba+bibidhata+dibasa+palita-newsid-n282434334?s=a&uu=0xea23f5e648584350&ss=wsp

https://orissadiary.com/were-a-part-of-the-solution-for-nature-national-level-webinar-by-central-university-of-odisha/

https://odishabarta.com/were-a-part-of-the-solution-for-nature-national-level-webinar-by-central-university-of-odisha/